## ସଂକ୍ଷେପରେ

### ମଗଜି ଲଡୁ ଜିଆଇ ଟ୍ୟାଗ୍ ସମ୍ଭାବନା ବୃଦ୍ଧି

ଢେଙ୍କାନାଳ,୩୧।୮ (ରତନ ନାୟାର)

ଢେଙ୍କାନାଳ ଜିଲାର ବହୁ ପ୍ରସିଦ୍ଧ ମଗଜି ଲଡୁ ଜିଆଇ ଟ୍ୟାଗ୍ ମାନ୍ୟତା ପାଇବାର ସମ୍ଭାବନା ବଢ଼ିଛି। ଢେଙ୍କାନାଳ ସୁଇଟ୍ ଆସୋସିଏଶନ୍ ପକ୍ଷରୁ ଆବେଦନ ପରେ ଓୟୁଏଟି ସହାୟତାରେ ମଗଜି ଲଡୁକୁ ଜିଆଇ ଟ୍ୟାଗ୍ ପ୍ରଦାନ ନିମନ୍ତେ ଉଦ୍ୟମ ଆରମ୍ଭ ହୋଇଥିଲା। ବର୍ତ୍ତମାନ ମଗଜି ଲଡୁ ଜିଆଇ ଟ୍ୟାଗ୍ ମାନ୍ୟତା ପାଇବା ପାଇଁ ଜର୍ନାଲ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଛି। ଫଳରେ ଜିଆଇ ଟ୍ୟାଗ୍ ମାନ୍ୟତା ନେଇ ବହୁ ସମ୍ଭାବନା ସୃଷ୍ଟି ହୋଇଛି। ଜର୍ନାଲରେ ୩ରୁ ୬ମାସ ରହିବା ପରେ ଏ ସଂକ୍ରାନ୍ତରେ କୌଣସି ପ୍ରଶ୍ନ ନ ଉଠିଲେ ମଗଜି ଲଡୁ ଜିଆଇ ଟ୍ୟାଗ୍ ପାଇବା ପାଇଁ ନିଶ୍ଚିତ ହୋଇଯିବ ବୋଲି ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ବିମଳେନ୍ଦୁ ମହାନ୍ତି ସୂଚନା ଦେଇଛନ୍ତି।

### ବିଜୟକୃଷ୍ଣ ଗୋସ୍ୱାମୀଙ୍କ ଜନ୍ମୋତ୍ସବ

ଢେଙ୍କାନାଳ,୩୧।୮ (ରତନ ନାୟାର)

ଢେଙ୍କାନାଳସ୍ଥିତ ଦଧିବାମନ ମଠ ପରିସରରେ ବିଜୟ କୃଷ୍ଣ ଗୋସ୍ୱାମୀଙ୍କ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ପ୍ରକାଶ ଯେ, ଗୋସ୍ୱାମୀଙ୍କ ଶେଷ ଜୀବନ ପୁରୀ ନରେନ୍ଦ୍ର କୂଳସ୍ଥିତ ଆଶ୍ରମରେ କଟିଥିଲା। ଶିଷ୍ୟ ଚନ୍ଦନ ମିଶ୍ର, ଦେବ ପ୍ରସାଦ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ପ୍ରଦୀପ କୁମାର ସାହୁ, ସୁବୋଧ ମହାନ୍ତି, ସ୍ୱାମୀ ରାମକୃଷ୍ଣ ନନ୍ଦ, ବାସନ୍ତୀ ଭୂତିଆ, ସିଦ୍ଧାର୍ଥ ଭୂତିଆ, ସୁବାସ କୁମାର ବାରିକ ଉପସ୍ଥିତ ଥିଲେ।

**ଢେଙ୍କାନାଳରେ ସ୍ୱାୟତ୍ତ ଶାସନ ଦିବସ**

# ଚାହିଦାକୁ ଦେଖି କାର୍ଯ୍ୟକଲେ ସହର ହସିବ

ଢେଙ୍କାନାଳ,୩୧।୮ (ରତନ ନାୟାର)



ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପୂର୍ବତନ ନଗରପାଳ ନବୀନଚନ୍ଦ୍ର ନାରାୟଣ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଢେଙ୍କାନାଳ ପୌରସଂସ୍ଥା ପକ୍ଷରୁ ଗୁରୁବାର ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସନ୍ଧ୍ୟା ସାଢେ ୬ଟାରେ ମିନି ଷ୍ଟାଡିୟମଠାରେ ଏକ ଉତ୍ସବ ଅୟୋଜନ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବିଧାୟକ କହିଥିଲେ, ଢେଙ୍କାନାଳ ସହର ବଢ଼ିବାରେ ଲାଗିଛି। ସହରବାସୀ କଣ ଚାହୁଁଛନ୍ତି, ଏହାକୁ ଅନୁଭବ କରି ପୌର ପରିଷଦ କାର୍ଯ୍ୟକଲେ ସହର ହସି ଉଠିବ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜିଲାପାଳ ସରୋଜ କୁମାର ସେଠୀ କହିଲେ, ଢେଙ୍କାନାଳ ପୌରସଂସ୍ଥା ୩ଟି କ୍ଷେତ୍ରରେ ଜାତୀୟସ୍ତରରେ ପୁରସ୍କୃତ ହୋଇଛି। ଏବେବି ପାର୍କିଂ ସମସ୍ୟା, ରାସ୍ତାରେ ଗୋରୁ ଚଲାବୁଲା କରିବା, ଜବରଦଖଲ ଆଦି ସମସ୍ୟା ରହିଛି। କାଉନସିଲରମାନେ ନିଜ ଅଞ୍ଚଳର ମୁଖ୍ୟ ହୋଇ ବିକାଶ ପାଇଁ ସହଯୋଗର ହାତ ବଢାଇଲେ ସହରର ଉନ୍ନତି ହେବ। ସମ୍ମାନିତ ଅତିଥି ଭାବେ ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ପୌର ଉପାଧ୍ୟକ୍ଷ ପ୍ରକାଶଚନ୍ଦ୍ର କୁଅଁର ପ୍ରମୁଖ ଯୋଗ ଦେଇଥିଲେ। ସଭାପତିତ୍ୱ କରି ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର କହିଲେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗରେ ଟିକସଦାତାଙ୍କ ଅର୍ଥକୁ ଠିକ୍ ବିନିଯୋଗ କରାଯାଉଛି। ମିଳିମିଶି ସହରର ଉନ୍ନତି ପାଇଁ କାର୍ଯ୍ୟ କରିବା ନିମନ୍ତେ ସମସ୍ତେ ସହଯୋଗ କରନ୍ତୁ। ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ମୁକ୍ତା ଯୋଜନାରେ ୭ କୋଟି ଟଙ୍କା ଅନୁଦାନରେ ବିଭିନ୍ନ ୱାର୍ଡରେ ମିନିପାର୍କ, ଚଲାପଥ ଏବଂ ସୌନ୍ଦର୍ଯ୍ୟକରଣ କରାଯାଇଥିବା କହିଥିଲେ। ଏଥିସହ ୧୬ ପୋଖରୀର ସୌନ୍ଦର୍ଯ୍ୟକରଣ ପାଇଁ ପ୍ରସ୍ତାବ ରହିଛି। ଭାଗୀରଥି ସାଗର ନୂଆପୋଖରୀର ଉନ୍ନତୀକରଣ ପାଇଁ ୧କୋଟି ୮୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଛି। ଏହି ଅବସରରେ ପୂର୍ବତନ ନଗରପାଳ ନବୀନଚନ୍ଦ୍ର ନାରାୟଣ ଦାସ, ଇନ୍ଦ୍ରମଣି ବେହେରା ଓ ସୁଧାଂଶୁ କୁମାର ଦଳେଇଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଭତ୍ତା ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଥିଲା। ଦେଶ ଓ ରାଜ୍ୟରେ ପ୍ରଥମକରି ସହରାଞ୍ଚଳ ଆଦିବାସୀମାନଙ୍କୁ ପଟ୍ଟା ପ୍ରଦାନରେ ଢେଙ୍କାନାଳ ଜାତୀୟସ୍ତରରେ ପ୍ରଥମ ହୋଇ ପୁରସ୍କୃତ ହୋଇଥିବା ବେଳେ ଏହାର ହିତାଧିକାରୀମାନଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ପୌରଯନ୍ତ୍ରୀ ରଶ୍ମିତା ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ଅବନୀ ମିଶ୍ର ସଂଯୋଜନା କରିଥିଲେ। ପୌର ପରିଷଦର କାଉନସିଲରମାନେ ମଞ୍ଚାସୀନ ଥିଲେ। ଏହାପରେ ଚଳଚ୍ଚିତ୍ର ଅଭିନେତ୍ରୀ ସ୍ୱପ୍ନା ପ୍ରିୟଦର୍ଶିନୀ, କଣ୍ଠଶିଳ୍ପୀ ଅଂଶୁମାନ ଭରଦ୍ୱାଜ ଓ ସିମରନ୍ କଳା ପ୍ରଦର୍ଶନ କରି ଶ୍ରୋତାଙ୍କ ମନ ବିଭୋର କରିଥିଲେ। ପୂର୍ବାହ୍ନ ସାଢେ ୭ଟା ସମୟରେ ପୌର କାର୍ଯ୍ୟାଳୟ ପରିସରରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ସହରରେ ଥିବା ସମସ୍ତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଥିଲା।



କଣ୍ଠଶିଳ୍ପୀ ସିମରନ୍।



ଅଭିନେତ୍ରୀ ସ୍ୱପ୍ନା ପ୍ରିୟଦର୍ଶିନୀ।



କଣ୍ଠଶିଳ୍ପୀ ଅଂଶୁମାନ ଭରଦ୍ୱାଜ।

## ସାମାଜିକ କର୍ମୀ ପ୍ରମୋଦଙ୍କ ପରଲୋକ



କାମାକ୍ଷାନଗର,୩୧।୮ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କାମାକ୍ଷାନଗରର ସାମାଜିକ କର୍ମୀ ପ୍ରମୋଦ କୁମାର ପଣ୍ଡା (୯୪)ଙ୍କ ଗୁରୁବାର ମଡ଼ିସାହିସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ଧର୍ମପରାୟଣ ବ୍ୟକ୍ତି ଭାବେ ମଧ୍ୟ ଅଞ୍ଚଳରେ ପରିଚିତ ଥିଲେ। କାମାକ୍ଷାନଗର ବ୍ରାହ୍ମଣ ପରିଷଦ ଓ କଳ୍ପନା କ୍ଲବର ପ୍ରତିଷ୍ଠାତା ସଦସ୍ୟ ଥିଲେ। ସରକାରୀ ଚାକିରି ବେଳେ ବିଭିନ୍ନ ପଦ ପଦବୀରେ ରହି ସେ ଅନେକ ଉଲ୍ଲେଖନୀୟ କାର୍ଯ୍ୟ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ପଦ୍ମାବତୀ, ପୁଅ ମିହିରକାନ୍ତ ଓ ଶିଶିରକାନ୍ତ, ଝିଅ କବିତା ଓ ବନ୍ଦିତା, ବୋହୂ ଓ ନାତୁଣୀନାତି ଉପସ୍ଥିତ ଥିଲେ। ତାଙ୍କର ଅନ୍ୟ ୩ ପୁଅ ବିଦେଶରେ କାର୍ଯ୍ୟରତ ଅଛନ୍ତି। ତାଙ୍କ ମୃତ୍ୟୁ ଖବର ଜଣାପଡ଼ିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ସମେତ ସହର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପୂର୍ବତନ ଏମ୍‌ପି ତଥା 'ଧରିତ୍ରୀ' ଓ 'ଓଡ଼ିଶା ପୋଷ୍ଟ' ସମ୍ପାଦକ ତଥାଗତ ସତପଥୀ ମଧ୍ୟ ଶୋକବ୍ୟକ୍ତ କରିଛନ୍ତି।

## ନାଗରିକ ଫୋରମ ପକ୍ଷରୁ ରକ୍ଷାବନ୍ଧନ

ଢେଙ୍କାନାଳ,୩୧।୮ (ରତନ ନାୟାର)

ଢେଙ୍କାନାଳ ସଚେତନ ନାଗରିକ ଫୋରମ ପକ୍ଷରୁ ସହରସ୍ଥିତ ଡିସିସି ପ୍ଲେ ସ୍କୁଲ ପରିସରରେ ବୁଧବାର ରକ୍ଷାବନ୍ଧନ ଉତ୍ସବ ପାଳିତ ହୋଇଥିଲା। କୁନି କୁନି ପିଲାଙ୍କ ଦ୍ୱାରା ଏହି ପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଇଥିଲା। ଏହାପରେ ସେମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସ୍କୁଲ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନେ ଉପସ୍ଥିତ ଥିଲେ ବୋଲି ଫୋରମ ସମ୍ପାଦକ ଭରତ କୁମାର ଦାସ ସୂଚନା ଦେଇଛନ୍ତି।



କୁନି କୁନି ପିଲାଙ୍କ ହାତରେ ରାଖୀ ବନ୍ଧାଯାଇଛି।

## ଛୁଟିରେ ଗଲେ କୃଷି ବିଭାଗର ସମସ୍ତ ଅଧିକାରୀ

ଢେଙ୍କାନାଳ,୩୧।୮ (ରତନ ନାୟାର)

ଢେଙ୍କାନାଳ କୃଷି ବିଭାଗର ସମସ୍ତ ଅଧିକାରୀ ଗୁରୁବାର ଠାରୁ ଛୁଟିରେ ଯାଇଛନ୍ତି। କ୍ୟାଡର ପୁନର୍ବିନ୍ୟାଶ ପାଇଁ ଦୀର୍ଘଦିନ ଧରି ପ୍ରଚେଷ୍ଟା ଏବଂ ଅନୁରୋଧ ସତ୍ତ୍ୱେ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅଧିକାରୀମାନେ ସମୂହ ଛୁଟିରେ ଯାଇଛନ୍ତି। ପ୍ରକାଶ ଯେ, କୃଷିସେବା ସଂଘ ଦୀର୍ଘଦିନ ଧରି କ୍ୟାଡର ପୁନର୍ବିନ୍ୟାଶ ସମ୍ବନ୍ଧରେ ନିରନ୍ତର ସରକାରଙ୍କ ସହାୟତା ଲୋଡି ଆସିଛି। ସମୟାନୁସାରେ ସରକାରଙ୍କ ଦ୍ୱାରା ମଗାଯାଇଥିବା ସମସ୍ତ ତଥ୍ୟାବଳୀ ଦେବା ସହ ରାଷ୍ଟ୍ରୀୟ କୃଷି ସମ୍ପ୍ରସାରଣ ଓ ପ୍ରବନ୍ଧନ ସଂସ୍ଥାନ ଦ୍ୱାରା ସୁପାରିଶ କରାଯାଇଥିବା



ସମୂହ ଛୁଟିରେ ଗଲେ କୃଷି ବିଭାଗର ଅଧିକାରୀ।

ଦସ୍ତାବିଜ୍ ସମ୍ବନ୍ଧୀୟ ଆଲୋଚନା କୃଷି ମନ୍ତ୍ରୀଙ୍କ ସହ କରାଯାଇଛି। କିନ୍ତୁ ଅଗଷ୍ଟ ୧୫ ତାରିଖ ସୁଦ୍ଧା ପଦକ୍ଷେପ ନିଆଯିବା ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ ହୋଇନାହିଁ। କୃଷି ସେବା ସଂଘ ନିଜର ସାମୂହିକ ଛୁଟି ନିଷ୍ପତ୍ତିକୁ ଅଗଷ୍ଟ ୮ରୁ ସ୍ଥଗିତ ରଖିଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସମସ୍ୟା ସମାଧାନ ନ ହେବାରୁ ସଂଘ ସମୂହ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେବାକୁ ବାଧ୍ୟ ହୋଇଛି। ସଂଘ ପକ୍ଷରୁ ଗତ ୧୬ ତାରିଖରେ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଅପରପକ୍ଷରେ କୃଷି ଅଧିକାରୀମାନେ ଛୁଟିରେ ଯିବା ଯୋଗୁ କୃଷିକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ତେଣୁ ତୁରନ୍ତ ସରକାର ଏ ସଂକ୍ରାନ୍ତରେ ପଦକ୍ଷେପ ନେବା ପାଇଁ କୃଷି ସେବା ସଂଘ ଓ କୃଷକ ସମାଜ ଦାବି କରିଛି।

## ବ୍ଲକସ୍ତରୀୟ ଜନଶୁଣାଣି ଶିବିର

କାମାକ୍ଷାନଗର,୩୧।୮ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ସଭାଗୃହଠାରେ ଗୁରୁବାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ ଯୋଗଦେଇ ବିଭିନ୍ନ ବିଭାଗରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହେଉଥିବା କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ଏଥିସହ ଯୋଗ୍ୟ ହିତାଧିକାରୀ ଯେପରି କୌଣସି ଯୋଜନାରୁ ବଞ୍ଚିତ ହେବେ ନାହିଁ ତା ଉପରେ ଗୁରୁତ୍ୱ ଦେଇଥିଲେ। ପିଇଓ ସହଯୋଗ କରୁ ନ ଥିବାରୁ ପଞ୍ଚାୟତରେ ଉନ୍ନୟନମୂଳକ କାମ ହୋଇପାରୁ ନ ଥିବା ରାଇବୋଲ ସରପଞ୍ଚ ଅଭିଯୋଗ କରିଥିଲେ। ସେହିପରି ପଞ୍ଚାୟତରେ ଲାଗିଥିବା ଲାଇଟ୍ ୨ ମାସରେ ଖରାପ ହୋଇଯାଇଥିବାବେଳେ ବିଭାଗୀୟ କର୍ତ୍ତୃପକ୍ଷ ଶୁଣୁ ନ ଥିବା ପଙ୍ଗାତିରା ସରପଞ୍ଚ କରୁଣାକର ସାହୁ ଅଭିଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ଯଶୋବନ୍ତ ଦେହୁରୀ, ବ୍ଲକ ଅଧ୍ୟକ୍ଷ ଚାରୁଲତା ମିଶ୍ର, ବ୍ଲକ ଉପାଧ୍ୟକ୍ଷ ଦୀପା ସାହୁ, ସମସ୍ତ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।

## ସହାୟତାର ହାତ ବଢ଼ାଇଲା ଯୁବ ସଙ୍ଗଠନ

ପରଜଙ୍ଗ,୩୧।୮ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଜୟପୁରା କାଟେଣୀ ପଞ୍ଚାୟତ ଅଧୀନ କାଦବସନ୍ତ ଗ୍ରାମରେ ମୌଳିକ ଅଧିକାରରୁ ବଞ୍ଚିତ ହୋଇ ଅବହେଳିତ ଅବସ୍ଥାରେ ଥିବା ଜଣେ ବୃଦ୍ଧା ଏବଂ ତାଙ୍କର ନାତୁଣୀନାତିଙ୍କୁ ସହାୟତାର ହାତ ବଢାଇଛି ବାଜି ରାଉତ ଯୁବ ସଙ୍ଗଠନ। ସଙ୍ଗଠନର ସଦସ୍ୟମାନେ ଚାଉଳ, ଡାଲି, ଚୁଡା, ପନିପରିବା ଓ ପିଲାଙ୍କ ପାଇଁ ବ୍ୟାଗ, ଖାତା, ବହି, ଡ୍ରେସ ଆଦି ବୃଦ୍ଧାଙ୍କୁ ପ୍ରଦାନ କରିଛନ୍ତି। ଏଥିସହିତ ଭାଙ୍ଗିଯାଇଥିବା ଘରେ ପାଲ ପକାଇ ମରାମତି କରିଛନ୍ତି। ଏଥିସହ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବାକୁ ସଙ୍ଗଠନର ସଦସ୍ୟମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ୨୫ରୁ ଊର୍ଦ୍ଧ୍ୱ ସଦସ୍ୟ ଉପସ୍ଥିତ ଥିଲେ।



ବୃଦ୍ଧାଙ୍କ ଗହଣରେ ସଙ୍ଗଠନର ସଦସ୍ୟମାନେ।

## ପାଠ ଛାଡ଼ିଥିବା ପିଲାଙ୍କୁ ଫେରାଇ ଆଣ

ଢେଙ୍କାନାଳ,୩୧।୮ (ରତନ ନାୟାର)

ଢେଙ୍କାନାଳ ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଗୁରୁବାର କିଶୋରୀମାନଙ୍କ ଅଧିକାରର ରକ୍ଷା ଓ ସେମାନଙ୍କୁ ସଶକ୍ତ କରିବା ଦିଗରେ ଆମେ ପରିବର୍ତ୍ତନ ଆଣିପାରିବା କାର୍ଯ୍ୟକ୍ରମ 'ସମ୍ଭବ' ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ଜିଲାପାଳ ସରୋଜ କୁମାର ସେଠୀ କହିଲେ ଯେ, ମହିଳା ଅଧିକାରୀମାନଙ୍କୁ ନେଇ ଗଠିତ ଏକ ଦଳ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଗସ୍ତକରି କିଶୋରୀମାନେ ସମ୍ମୁଖୀନ ହେଉଥିବା ସମସ୍ତ ପ୍ରକାର ଅସୁବିଧା ସମ୍ପର୍କରେ ପଚାରି ବୁଝି ଏହାର ସମାଧାନ ଦିଗରେ ଯତ୍ନବାନ ଅଛନ୍ତି। ପ୍ରତ୍ୟେକ ଅଙ୍ଗନୱାଡି କର୍ମୀ ଜଣେ ଜଣେ କିଶୋରୀଙ୍କୁ ପୋଷ୍ୟ ଭାବରେ ଗ୍ରହଣ କରନ୍ତୁ। ଅଧାରୁ ପାଠ ଛାଡିଥିବା ସମସ୍ତ କିଶୋରୀ କିଶୋରଙ୍କୁ ଚିହ୍ନଟ କରି ପୁଣି ବିଦ୍ୟାଳୟକୁ ଫେରାଇ ଆଣିବାକୁ ଜିଲାପାଳ ଶିକ୍ଷକଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ



ଶିକ୍ଷାନୁଷ୍ଠାନ ଗୁଡିକରେ କିଶୋରୀମାନଙ୍କ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଦିଗରେ ବ୍ୟବସ୍ଥା କରିବାକୁ ପରାମର୍ଶ ଦେଇଥିଲେ। କିଶୋରୀମାନଙ୍କ ଅଧିକାରର ରକ୍ଷା ଏବଂ ସେମାନଙ୍କୁ କିପରି ସଶକ୍ତ କରାଯାଉଛି ସେ ସମ୍ପର୍କରେ ୟୁନିସେଫ୍ ଜିଲା ସଂଯୋଜିକା ଅଙ୍ଗୁର ମିଶ୍ର ପାୱାର ପଏଣ୍ଟ ମାଧ୍ୟମରେ ବୁଝାଇଥିଲେ। ରାଜ୍ୟ ମୁକ୍ତ ବିଦ୍ୟାଳୟ କାର୍ଯ୍ୟକ୍ରମରେ ଜିଲାର ଅଧାରୁ ପାଠ ଛାଡିଥିବା ୧୪ରୁ ୧୮ବର୍ଷ ମଧ୍ୟରେ ୩୫୭ କିଶୋରୀ କିଶୋରଙ୍କୁ ଠାବ କରାଯାଇ ପାଠ ପଢିବାର ବ୍ୟବସ୍ଥା କରାଯାଇଥିବା ସୂଚନା ଦିଆଯାଇଥିଲା। ବୈଠକରେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅଶୋକ କୁମାର ଦାଶ, କାମାକ୍ଷାନଗର ଉପଜିଲାପାଳ ନାରାୟଣଚନ୍ଦ୍ର ନାୟକ, ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁଙ୍କ ସମେତ ସମସ୍ତ ବିଡିଓ, ତହସିଲଦାର ଓ ଅଧିକାରୀ ଯୋଗ ଦେଇଥିଲେ।

## ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁ ସମ୍ପର୍କ ରହୁ

କାମାକ୍ଷାନଗର,୩୧।୮ (ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ମହାବିରୋଡ଼ ଥାନା ପରିସରରେ ଗୁରୁବାର ଥାନାଧିକାରୀ ଅନାଦି ପଟାୟତଙ୍କ ସଭାପତିତ୍ୱରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ମାନିତ ଅତିଥି ଏସ୍‌ଆଇ ଶେଷଦେବ ଲେଙ୍କା, ଧରଣୀଧର ନାଥ ଉପସ୍ଥିତ ଥିଲେ। ଜନସାଧାରଣ କିପରି ଉତ୍ତମ ସେବା ପାଇପାରିବେ, ଅଞ୍ଚଳରୁ କିପରି ଅପରାଧ ନିୟନ୍ତ୍ରଣ ହୋଇପାରିବ, ମଦ କାରବାର କିପରି ରୋକାଯାଇପାରିବ ସେ ଉପରେ ଆଲୋଚନା ହୋଇଥିଲା। ସେହିପରି ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଅଞ୍ଚଳରୁ ଅପରାଧ ହ୍ରାସ ପାଇବ ବୋଲି ମତପ୍ରକାଶ ପାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପଙ୍ଗାତିରା ସରପଞ୍ଚ କରୁଣାକର ସାହୁ , କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘ ସଭାପତି ରାଜେଶ କୁମାର ଦେହୁରୀ, ଚଷା ସମାଜ ସଭାପତି ଧନେଶ୍ୱର ସାହୁଙ୍କ ସମେତ ଅଞ୍ଚଳର ବହୁ ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।




ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟମାନେ।

## 'ମୁଁ ବି ମିତା' କାର୍ଯ୍ୟକ୍ରମର ଶୁଭାରମ୍ଭ

ଢେଙ୍କାନାଳ,୩୧।୮ (ରତନ ନାୟାର)

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିର୍ବାଚନ ସମ୍ବନ୍ଧୀୟ ଶିକ୍ଷା ଓ ଭୋଟର ତାଲିକାର ନାମ ପଞ୍ଜୀକରଣ କରିବାର ପ୍ରକ୍ରିୟା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ 'ମୁଁ ବି ମିତା' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗୁରୁବାର ଜିଲା କାର୍ଯ୍ୟାଳୟ ସଦ୍‌ଭାବନା ଗୃହରେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଢେଙ୍କାନାଳ ଜିଲାରେ ଥିବା ବିଭିନ୍ନ ଉଚ୍ଚତର ଶିକ୍ଷାନୁଷ୍ଠାନରୁ ୭୫ ଛାତ୍ରୀଙ୍କୁ ସ୍ୱେଚ୍ଛାସେବୀ ଭାବେ ମନୋନୀତ କରାଯାଇଛି। ଏହି ସ୍ୱେଚ୍ଛାସେବୀମାନେ ୧ ଜାନୁୟାରୀ ୨୦୨୪ ଏବଂ ପରବର୍ତ୍ତୀ ୩ଗୋଟି ପର୍ଯ୍ୟାୟ ଯଥା ୧ ଏପ୍ରିଲ, ୧ ଜୁଲାଇ ଓ ୧ ଅକ୍ଟୋବର ସୁଦ୍ଧା ସୁଦ୍ଧା ପ୍ରତ୍ୟେକ କଲେଜର ଯୋଗ୍ୟ ନୂତନ ଭୋଟରମାନଙ୍କୁ ନାମ ପଞ୍ଜୀକରଣ କରିବାରେ ସାହାଯ୍ୟ କରିବେ। ଏଥିପାଇଁ ସମସ୍ତ ସ୍ୱେଚ୍ଛାସେବୀ ଛାତ୍ରୀଙ୍କୁ ଏ ସମ୍ପର୍କରେ ତାଲିମ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ସରୋଜ କୁମାର ସେଠୀ ଉପସ୍ଥିତ ରହି ଛାତ୍ରୀ, ସ୍ୱେଚ୍ଛାସେବୀମାନଙ୍କୁ ସେମାନଙ୍କ ପରିଚୟ ନିମନ୍ତେ 'ମୁଁ ବି ମିତା' ବର୍ଣ୍ଣିତ ଟୋପି ଓ ବ୍ୟାଜ୍ ପ୍ରଦାନ କରିଥିଲେ।



## ଶିଳ୍ପ ହେଉ, ବିକାଶକୁ ଗୁରୁତ୍ୱ ଦିଆଯାଉ

**ପ୍ରକଳ୍ପ ସମ୍ପ୍ରସାରଣ ନେଇ ଜନଶୁଣାଣି**

ଢେଙ୍କାନାଳ,୩୧।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ନୂଆଭାଗୀରଥିପୁର (ପୂର୍ବ) ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ପୂର୍ବାହ୍ନରେ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ପ୍ରକଳ୍ପ ସମ୍ପ୍ରସାରଣକୁ ନେଇ ପ୍ରଶାସନ, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ କ୍ଷତିଗ୍ରସ୍ତ ପ୍ରଜାଙ୍କ ଉପସ୍ଥିତିରେ ଏକ ଜନ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ପର୍ଯ୍ୟାଲୋଚନା ପରେ ପ୍ରକଳ୍ପ ସମ୍ପ୍ରସାରଣ ନେଇ ସହମତି ମିଳିଥିଲା।

ପ୍ରକାଶ ଯେ, ରୁଙ୍ଗଟା ମାଇନ୍ସ ସମନ୍ୱିତ ଫେରୋ ଆଲଏଜ୍ କାରଖାନାର ଉତ୍ପାଦନ କ୍ଷମତା ୦.୦୫୫ ନିୟୁତ ଟନରୁ



ଜନ ଶୁଣାଣିରେ ପ୍ରଶାସନିକ ଅଧିକାରୀ।

୦.୨୯୩ ନିୟୁତ ଟନ୍‌କୁ ବୃଦ୍ଧି କରିବା ସହିତ ୧୫୦ ମେଗାୱାଟ କ୍ଷମତା ବିଶିଷ୍ଟ ନିଜସ୍ୱ ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରିବା ଲାଗି ଯୋଜନା କରାଯାଉଛି। ଏହି ଉପଲକ୍ଷେ ଜନ ଶୁଣାଣି ଅନୁଷ୍ଠିତ ହୋଇଥିବା ବେଳେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୋଳର ଆଞ୍ଚଳିକ ଅଧିକାରୀ ରମେଶ କୁମାର ଏକା ଉପସ୍ଥିତ ରହି ଅଞ୍ଚଳବାସୀଙ୍କ ମନ୍ତବ୍ୟ ଓ ଆପତ୍ତି ଶୁଣିଥିଲେ। କମ୍ପାନୀ ପାର୍ଶ୍ୱବର୍ତ୍ତୀ ଗ୍ରାମ ତୁଳସୀଡିହ, ଚରଡଗାଡିଆ ଏବଂ କଙ୍ଗେଇପାଳର ଶତାଧିକ ଗ୍ରାମବାସୀ ଉପସ୍ଥିତ ରହି ଶିକ୍ଷା, ସ୍ୱାସ୍ଥ୍ୟ, ସଡ଼କ, ପାନୀୟଜଳ, ସ୍କୁଲ ଗୃହ ଏବଂ ସ୍ଥାନୀୟ ଯୁବତୀଯୁବକଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଦେବା ପାଇଁ ଦାବି କରିଥିଲେ। ପ୍ରକଳ୍ପ ସମ୍ପ୍ରସାରଣ ହେଲେ ଅଞ୍ଚଳର ବିକାଶ ହେବ ଓ ପରିବେଶ ସୁରକ୍ଷା ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯିବ ବୋଲି ୟୁନିଟ୍ ମୁଖ୍ୟ ଜୟନ୍ତ ପଣ୍ଡା ସୂଚନା ଦେଇଥିଲେ। ମୋଟଙ୍ଗା, ଚରଡଗାଡିଆ ଓ କୋଚିଲାମଡା ବିକାଶ ମଞ୍ଚର ସମ୍ପାଦକ କୁମୁଦଚନ୍ଦ୍ର ରାଉତ, ତ୍ରିଲୋଚନ ବେହେରା, କପିଳ ଚରଣ ସାମଲ ପ୍ରମୁଖଙ୍କ ସମେତ ଅଞ୍ଚଳବାସୀ କହିଲେ ଯେ, ଶିଳ୍ପକୁ ସ୍ୱାଗତ କରୁଛୁ। କିନ୍ତୁ ଅଞ୍ଚଳର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉ। ରୁଙ୍ଗଟା ମାଇନ୍ସ ଲିମିଟେଡର ବରିଷ୍ଠ ଉପସଭାପତି ପ୍ରଦୀପ କୁମାର ଚତୁର୍ବେଦୀ, ସହାୟକ ସଭାପତି ଦେବବ୍ରତ ମିଶ୍ର, ସାଧାରଣ ସମ୍ପାଦକ ଜୟନ୍ତ କୁମାର ପଣ୍ଡା, ମାନବ ସମ୍ବଳ ଅଧିକାରୀ ହିମାଂଶୁ ଶେଖର ବେହେରା, ଡିଜିଏମ୍(ମାନବ ସମ୍ବଳ) ଅଜୟ କୁମାର ଦାସ, ସାମାଜିକ ଦାୟିତ୍ୱ ପ୍ରବନ୍ଧକ ରାଜେନ୍ଦ୍ର ପ୍ରସାଦ ନନ୍ଦ ଓ ଅଧିକାରୀ ଗୋପୀନାଥ ସ୍ୱାଇଁ, ମାନସ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଏଡ୍ସର ବିଭିନ୍ନ ଦିଗ ଉପରେ ଆଲୋଚନା

ଅନୁଗୋଳ,୩୧।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ କେନ୍ଦ୍ରଠାରେ ଜିଲା ଯୁବ ମହୋତ୍ସବ ପାଳନ ଉପଲକ୍ଷେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲା ସ୍ୱାସ୍ଥ୍ୟ ସମିତିର ଜିଲା ଏଡ୍ସ ନିୟନ୍ତ୍ରଣ ଓ ପ୍ରତିରୋଧ କକ୍ଷର ମିଳିତ ସହଯୋଗରେ ହୋଇଥିବା ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଡ. ବିଶ୍ୱ ବିହାରୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଚ୍‌ଆଇଭି ଏଡ୍‌ସ୍‌ର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏଆର୍‌ଟି ସେଣ୍ଟରର ବରିଷ୍ଠ ମେଡିକାଲ ଅଫିସର ଡ. ଶାଶ୍ୱତ ସାଗର ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଏଡ୍ସ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ରମ ଅଧିକାରୀ ଡ. ପ୍ରମିଳା ହୋତା ସଂଯୋଜନା କରିଥିଲେ। ପିସିସି ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ପୁରସ୍କାର ଦିଆଯାଇଥିଲା। ଏନଏସି ଉଚ୍ଚ ବିଦ୍ୟାଳୟ ଶାନ୍ତ୍ୱନାମୂଳକ ପୁରସ୍କାର ପାଇଥିଲା।

# ଖଣି କର୍ମଚାରୀଙ୍କ କ୍ୱାର୍ଟର୍ସରେ ବୁଲାଇଲେ କଳାକନା

■୩୫ ଲକ୍ଷ ଟଙ୍କାର ଗହଣା ଚୋରି
■କଲୋନୀର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ
■ପାର୍ବଣ ପୂର୍ବରୁ ପୋଲିସକୁ ଦେଲେ ଚାଲେଞ୍ଜ

ତାଳଚେର,୩୧।୮ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ଲକ କଲିୟାରୀ ଥାନା ଅଞ୍ଚଳରେ ଥିବା ହିଙ୍ଗୁଳା କଲୋନୀର ଏକ କ୍ୱାର୍ଟର୍ସରୁ ବୁଧବାର ରାତିରେ ବଡ଼ ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ଜଣେ ଖଣି କର୍ମଚାରୀଙ୍କ ଘରେ ପଶି ୩୫ ଲକ୍ଷ ଟଙ୍କାର ସୁନା ଓ ରୁପା ଗହଣା ସହ ନଗଦ ୪ ଲକ୍ଷ ୧୦ ହଜାର ଟଙ୍କା ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ତେବେ କଲୋନୀରେ ସୁରକ୍ଷା ବ୍ୟବସ୍ଥା ଥିବା ସତ୍ତ୍ୱେ ଦୁର୍ବୃତ୍ତମାନେ କ୍ୱାର୍ଟର୍ସ ଭିତରେ ପଶି ଏତେବଡ଼ ଚୋରି କିପରି କଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏପରି କି ପାର୍ବଣ ପୂର୍ବରୁ ଏହି ଘଟଣା ପୋଲିସ ପାଇଁ ସତର୍କ ଘଣ୍ଟି ବୋଲି କୁହାଯାଉଛି।

ପ୍ରକାଶ ଯେ, ବଳଣ୍ଡାସ୍ଥିତ ହିଙ୍ଗୁଳା କଲୋନୀରେ ଖଣି କର୍ମଚାରୀ ସୁଦର୍ଶନ ନାୟକ ରୁହନ୍ତି। ରାଖୀ ପୂର୍ଣ୍ଣିମା ଯୋଗୁ ସେ ବୁଧବାର ନିଜ ଗ୍ରାମ ନତଡ଼ାକୁ ଯାଇଥିଲେ। ସେଠାରୁ କଣିହାଁସ୍ଥିତ ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲେ। ତେବେ ଗୁରୁବାର ଭୋର ସାଢେ ୪ଟା ବେଳେ ସେ ବଳଣ୍ଡାସ୍ଥିତ ବାସଭବନକୁ ଫେରିବା ପରେ ଘରର କବାଟ ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ। ଘର ଭିତରେ ଥିବା ଆଲମିରାରେ ରଖାଯାଇଥିବା ୬୨ ଭରି ଓଜନର ସୁନା ଗହଣା ଓ ନିଜ ସମ୍ପର୍କୀୟଙ୍କ ୯ ଭରି ସୁନା ଗହଣା ସହ ୨୧ ଭରିର ରୁପା ଗହଣା ଏବଂ ନଗଦ ୪ ଲକ୍ଷ ୧୦ ହଜାର ଟଙ୍କା ଚୋରି ହୋଇଥିବା ଜାଣି ସେ ତୁରନ୍ତ କଲିୟାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ନଂ. ୪୧୦/୨୩ରେ ଏକ ମାମଲା ରୁଜୁ କରି ଘଟଣା ତଦନ୍ତ ଆରମ୍ଭ କରିଥିବା ଥାନା ସୂତ୍ରରୁ ପ୍ରକାଶ। ଅପରପକ୍ଷରେ ଆଗକୁ ପାର୍ବଣ ଋତୁ ଆସୁଛି। ବିଶ୍ୱକର୍ମା ପୂଜା ପରେ ତାଳଚେରର ଗଣପର୍ବ ଗଣେଶ ପୂଜା ରହିଛି। ଏଥିପାଇଁ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଦୁର୍ବୃତ୍ତମାନେ ସକ୍ରିୟ ହୋଇପଡ଼ିବା ପୋଲିସ ପାଇଁ ଚାଲେଞ୍ଜ ସୃଷ୍ଟି କରିଛି।

## ବିଦ୍ୟାଳୟ ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ

ଅନୁଗୋଳ,୩୧।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ଏକ ଜିଲାସ୍ତରୀୟ ବିଦ୍ୟାଳୟ ସୁରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଏବଂ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜରୁରିକାଳୀନ ଅଧିକାରୀ ସତ୍ୟାନନ୍ଦ ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଜିଲା ସଂଯୋଜକ ପ୍ରଦୀପ କୁମାର ପାତ୍ର ସଂସାଧନ ସଭ୍ୟ ଭାବେ ଯୋଗଦେଇ ବିଦ୍ୟାଳୟ ସୁରକ୍ଷା ବିଷୟରେ ଆଲୋଚନା କରିଥିଲେ। ଜିଲା ମଙ୍ଗଳ ଅଧିକାରୀ, ୮ ବ୍ଲକ ଶିକ୍ଷା ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଓ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ମୌଳିକ ସମସ୍ୟା ସମାଧାନ କର

ଆଠମଲ୍ଲିକ,୩୧।୮ (ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଗୁରୁବାର ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇଯାଇଛି। ଏନ୍‌ଏସି ଅଧ୍ୟକ୍ଷା ଆଶାକୁମାରୀ ସାହୁ ପତାକା ଉତ୍ତୋଳନ କରିବା ସହ ସହରବାସୀଙ୍କ ମୌଳିକ ସମସ୍ୟା ସମାଧାନ ଦିଗରେ ସମସ୍ତେ ଆନ୍ତରିକତର ସହିତ କାର୍ଯ୍ୟ କରିବାକୁ ପୌର କର୍ମଚାରୀ ଓ ସଫେଇ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଏସ୍‌ଡିପିଓ ବାଳକୃଷ୍ଣ କୁଅଁର, ଉପାଧ୍ୟକ୍ଷ ଗଦାଧର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଭିନ୍ନ ସ୍କୁଲରେ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥଲା। ପୂର୍ବାହ୍ନ ୯ଟାରେ ଗାନ୍ଧୀପାର୍କଠାରେ ଥିବା ମହାତ୍ମା ଗାନ୍ଧୀ, ମାନଜୋର ଛକ ସ୍ଥିତ ବାବା ସାହେବ ବି. ଆର. ଆମ୍ବେଦକର, କଚେରୀ ଛକ ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସେହିପରି ପରିଷଦ ଦ୍ୱାରା ନିର୍ମିତ ମାର୍କେଟ କମ୍ପ୍ଲେକ୍ସକୁ ଅଧ୍ୟକ୍ଷା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟାଳୟ ସମ୍ମୁଖରୁ ସ୍ୱଚ୍ଛଭାରତ ଉପରେ ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା। ଶେଷରେ ଉପଖଣ୍ଡ ମୁଖ୍ୟ ଚିକିତ୍ସାଳୟ, ବାଳାଶ୍ରମ ଅନ୍ତେବାସୀଙ୍କୁ ଫଳ, ବିସ୍କୁଟ ବଣ୍ଟନ କରାଯାଇଥିଲା। ଏନ୍‌ଏସି କର୍ମଚାରୀ ଓ ସଫେଇ କର୍ମଚାରୀଙ୍କୁ ପୋଷାକ ବଣ୍ଟନ କରାଯାଇଥିଲା। ନିର୍ବାହୀ ଅଧିକାରୀ ସୁନୀଲ ମହାନ୍ତି, ପୌର କର୍ମଚାରୀ ସହଯୋଗ କରିଥିଲେ।



# ଟ୍ରକ୍ ଧକ୍କାରେ ମହିଳା ମୃତ, ଉତ୍ତେଜନା

ତାଳଚେର,୩୧।୮ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥର ପବିତ୍ର ମୋହନ ଛକ ନିକଟରେ ଗୁରୁବାର ଏକ ଟ୍ରକ୍ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ପୁଷ୍ପାଞ୍ଜଳି ସାହୁ (୩୭)। ଦୁର୍ଘଟଣାରୁ ତାଙ୍କ ସ୍ୱାମୀ ସୁରଥ ସାହୁ (୪୫) ବର୍ତ୍ତି ଯାଇଛନ୍ତି। ତେବେ ଦୁର୍ଘଟଣା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତାରୋକୋ କରିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ପ୍ରକାଶ ଯେ, ରେଲୱେରେ ଲୋକ ପାଇଲଟ ଭାବେ କାର୍ଯ୍ୟରତ ସୁରଥଙ୍କ ପୈତୃକ ଘର କଟକ ଜିଲା ଟାଙ୍ଗି ଥାନା ଅନ୍ତର୍ଗତ ଭଟିମୁଣ୍ଡାରେ। ସେ ତାଳଚେରସ୍ଥିତ ରେଲୱେରେ କାର୍ଯ୍ୟ କରୁଥିବା ବେଳେ ଶର୍ମାଛକ ଅଞ୍ଚଳରେ ନୂତନ ଘର ନିର୍ମାଣ କରୁଥିଲେ। ଉକ୍ତ ଘର ପାଇଁ ମାର୍ବଲ କିଣିବାକୁ ସେ ଏକ ସ୍କୁଟିରେ ସ୍ତ୍ରୀ ପୁଷ୍ପାଞ୍ଜଳିଙ୍କୁ ବସାଇ ପବିତ୍ର ମୋହନ ଛକସ୍ଥିତ ଏକ ମାର୍ବଲ ଦୋକାନକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ପଛପଟୁ ଆସୁଥିବା ଏକ ଟ୍ରକ୍ (ନଂ. ଓଡି୩୫ ଏ–୬୦୭୫) ସ୍କୁଟିକୁ ଧକ୍କା ଦେଇଥିଲା। ଏହି ସମୟରେ ପୁଷ୍ପାଞ୍ଜଳି ରାସ୍ତା ଉପରକୁ ଛିଟିକି ପଡିବାରୁ ଟ୍ରକ୍ ତାଙ୍କ ମୁଣ୍ଡ ଉପରେ ଚଢ଼ି ଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାସ୍ତାର ଅପରପାର୍ଶ୍ୱରେ ପଡ଼ିଥିବା ସୁରଥ ଅଳ୍ପକେ ବର୍ତ୍ତି ଯାଇଥିଲେ। ଦୁର୍ଘଟଣା ପରେ କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ଖବରପାଇ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ବୁଝାଶୁଝା କରିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌ର ମାଲିକ କ୍ଷତିପୂରଣ ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

# ବିଜେତାଙ୍କୁ ଧରିତ୍ରୀ ଜୁଏଲର୍ସ ପକ୍ଷରୁ ପୁରସ୍କାର



ଲକି ଡ୍ର' ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ତାଳଚେର,୩୧।୮ (ମନୋଜ ନନ୍ଦ)

'ଧରିତ୍ରୀ ଜୁଏଲର୍ସ' ତରଫରୁ ଇଣ୍ଡିଆନ ବିଲିଅନ ଅଫ ଜୁଏଲର୍ସ ଆଣ୍ଡ ଲିଃ (ଆଇବିଜେଏ) ଦ୍ୱାରା କରାଯାଇଥିବା ଦୈନିକ, ସାପ୍ତାହିକ ଏବଂ ମାସିକ ଲକି ଡ୍ର'ର ୪ ବିଜେତାଙ୍କୁ ପୁରସ୍କୃତ କରାଯାଇଛି। ଗତ ୧୫ ରୁ ୨୯ ତାରିଖ ମଧ୍ୟରେ ଧରିତ୍ରୀ ଜୁଏଲର୍ସରୁ ସୁନା କିଣିଥିବା ଗ୍ରାହକଙ୍କ ମଧ୍ୟରୁ ଏହି ୪ ଜଣ ଲକି ଡ୍ର ବିଜେତା ହୋଇପାରିଛନ୍ତି। ବିଜେତାମାନେ ହେଲେ ଗତ ୧୯ ତାରିଖରେ ସୁନା କିଣିଥିବା କଟକର ବୈଷ୍ଣବ ଚରଣ ଜେନା, ୨୨ ତାରିଖରେ ସୁନା କିଣିଥିବା ତାଳଚେରର ମୁରଲୀଧର ବେହେରା। ଏମାନେ ଦୈନିକ ପୁରସ୍କାର ଯୋଜନାରେ ବିଜୟୀ ହୋଇଥିବା ବେଳେ ୨୭ ତାରିଖରେ ସୁନା କିଣିଥିବା ତାଳଚେରର କବିତା ମିଶ୍ର ଓ ଢେଙ୍କାନାଳର ଯାଜ୍ଞସେନୀ ବେହେରା ସାପ୍ତାହିକ ପୁରସ୍କାର ଯୋଜନାରେ ଲକି ଡ୍ର'ରେ ବିଜୟୀ ହୋଇଛନ୍ତି। ଏହି ଚାରି ଜଣଙ୍କୁ ଧରିତ୍ରୀ ଜୁଏଲର୍ସର ପ୍ରୋପାଇଟର ପ୍ରଭାତ କୁମାର ପୃଷ୍ଟି, ଲକ୍ଷ୍ମୀଧର ପୃଷ୍ଟି ପୁରସ୍କାର ପ୍ରଦାନ କରିଥିଲେ। ଧରିତ୍ରୀ ଜୁଏଲର୍ସର ତାଳଚେର ଓ କଟକରୁ ସୁନା କିଣି ଗ୍ରାହକମାନେ ଏଭଳି ଲକି ଡ୍ର'ରେ ଭାଗ ନେଇ ବିଜୟୀ ହୋଇପାରିବେ ବୋଲି କୁହାଯାଇଛି।

# ଖେଳପଡ଼ିଆ ପାର୍ଶ୍ୱରେ ଚାରାରୋପଣ

କଣିହାଁ,୩୧।୮ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ କୁଲୁମା ପଞ୍ଚାୟତ ଓଳନ୍ଦା ଗ୍ରାମବାସୀଙ୍କ ପକ୍ଷରୁ ସୋମବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଏଚ୍‌ପିସିର ବରିଷ୍ଠ ସାଧାରଣ ପରିଚାଳକ ରଞ୍ଜନ ପରିଡ଼ା, ସମ୍ମାନିତ ଅତିଥି ଭାବେ ଉପସାଧାରଣ ପରିଚାଳକ ପ୍ରଦୀପ ପ୍ରଧାନ, ପ୍ରକୃତି ବନ୍ଧୁ ସନ୍ତୋଷ ପ୍ରଧାନ, ଗ୍ରାମ ସଭାପତି ମଙ୍ଗୁଲୁ ବେହେରା, ସାମାଜିକ କର୍ମୀ ଶ୍ୟାମସୁନ୍ଦର ସାହୁ, ପ୍ରଦୀପ ସାହୁ, ମହିଳା ମଣ୍ଡଳ ଅଧ୍ୟକ୍ଷା ମିତାଲି ସାହୁ, ବନପାଳ ଟିକେଶ୍ୱର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରାମର କନକ ତଇଲ ଖେଳପଡିଆ ଚାରିପାଖରେ ବିଭିନ୍ନ ପ୍ରକାରର ୫୦୦ ଚାରା ରୋପଣ କରାଯାଇଥିଲା। ଗ୍ରାମର କ୍ରିକେଟ କ୍ଲବ ଓ ହନୁମାନ ମନ୍ଦିର କମିଟିର ପ୍ରଶାନ୍ତ ସାହୁ, ରାକେଶ ପ୍ରଧାନ, ଲିଟୁ ସାହୁ, ଅରବିନ୍ଦ ମୁଦୁଲି, ଶ୍ରୀକର ସାହୁ, ବିଦ୍ୟାଧର ସେଠୀ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିମାନେ ଚାରାରୋପଣ କରୁଛନ୍ତି।

## ସାଂସ୍କୃତିକ ସଂସାଧନ ସଭ୍ୟଙ୍କୁ ପ୍ରଶିକ୍ଷଣ

ଅନୁଗୋଳ,୩୧।୮ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ସଂସ୍କୃତି କାର୍ଯ୍ୟାଳୟ ଠାରେ ସାଂସ୍କୃତିକ ସଂସାଧନ ସଭ୍ୟଙ୍କ ଏକ ୨ ଦିନିଆ ପ୍ରଶିକ୍ଷଣ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପାରମ୍ପରିକ ଲୋକକଳା ମାଧ୍ୟମରେ ଶିକ୍ଷା, ସୂଚନା ଓ ଯୋଗାଯୋଗ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନର ବାର୍ତ୍ତା ଲୋକମାନଙ୍କ ନିକଟରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବୋଲି କହିଥିଲେ। ଆସନ୍ତା ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ପ୍ରଚାର ପ୍ରସାର କରିବାକୁ ଥିବା କଳାକାରମାନଙ୍କୁ ପ୍ରଶିକ୍ଷଣ ଦେବାକୁ ସରକାରୀ ନିୟମାବଳୀ, ବିଷୟବସ୍ତୁ ଆଦି ସମ୍ପର୍କରେ ଜିଲାର ପ୍ରତ୍ୟେକ ବ୍ଲକରୁ ଆସିଥିବା ସଂସାଧନ ସଭ୍ୟଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀଙ୍କ ତରଫରୁ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମୂକ କୁମାର ଗଡନାୟକ, ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସୀଠ, ଡିପିଇଓ ଭିକାରୀ ବନ୍ଧୁ ସାହୁ ପ୍ରମୁଖ ଯୋଗଦେଇ ଥିଲେ।

# ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଚୟନ

କଣିହାଁ,୩୧।୮ (ସଚ୍ଚିଦାନନ୍ଦ ପ୍ରଧାନ)

କଣିହାଁ ବ୍ଲକ ଦଣ୍ଡାସିଂହା ଗ୍ରାମ ବାବା ବାଲୁଙ୍କେଶ୍ୱର ଶିବମନ୍ଦିର ପରିସରରେ ରାଷ୍ଟ୍ରୀୟ କ୍ଷତ୍ରିୟ ମହାସଂଘ ଓଡ଼ିଶା ଶାଖା ତରଫରୁ ରବିବାର ପଞ୍ଚାୟତସ୍ତରୀୟ କ୍ଷତ୍ରିୟ ମହାସଂଘ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ କର୍ମକର୍ତ୍ତା ସତ୍ୟାନନ୍ଦ ଗଡ଼ନାୟକ ଏଥିରେ ସଭାପତିତ୍ୱ କରିଥିଲେ। କର୍ମକର୍ତ୍ତା ଜଳନ୍ଧର ମହାନ୍ତି, ହୃଷୀକେଶ ସାମଲ, ଭଜମନ ସାମଲଙ୍କ ଉପସ୍ଥିତିରେ ପଞ୍ଚାୟତସ୍ତରୀୟ କର୍ମକର୍ତ୍ତା ଚୟନ କରାଯାଇଥିଲା। ଦଳପତି ଭାବେ ବିଶିକେଶନ ମହାନ୍ତି, ସହ ଦଳପତି ଅଭୟ ମହାନ୍ତି, ଉପ ଦଳପତି ସୁରେଶ ଚନ୍ଦ୍ର ଗଡ଼ନାୟକ, ସମ୍ପାଦକ ବିଜୟ ମହାନ୍ତି, ସହ ସମ୍ପାଦକ ଅରୁଣ ସାମଲ ଓ ଉପଦେଷ୍ଟା ଭାବେ ଜଳନ୍ଧର ମହାନ୍ତି, ଧରଣୀଧର ମହାନ୍ତିଙ୍କୁ ମନୋନୀତ କରାଯାଇଥିଲା।



ବୈଠକରେ ଉପସ୍ଥିତ କ୍ଷତ୍ରିୟ ମହାସଂଘର ସଦସ୍ୟମାନେ।

## 'ଅପାରଗତା ଲୁଚାଇବାକୁ ଆନ୍ଦୋଳନ'

ଅନୁଗୋଳ,୩୧।୮ (ଅମିତ କୁମାର ସାମଲ)

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ମନମାନି ଓ ୫୫ ନଂ. ଜାତୀୟ ରାଜପଥ ମରାମତି ଦାବି ନେଇ ସେପ୍ଟେମ୍ବର ୧ରେ ଅନୁଗୋଳ ବିଜେଡି ପକ୍ଷରୁ ପିସିସି ଛକଠାରେ ୨ ଘଣ୍ଟିଆ ରାସ୍ତାରୋକୋ କରାଯିବାକୁ ପୂର୍ବରୁ ଘୋଷଣା କରାଯାଇଥିବା ବେଳେ ଅନୁଗୋଳ ଜିଲା ଭାଜପା ଗୁରୁବାର ଏହାକୁ ଟାର୍ଗେଟ୍ କରିଛି। ଜିଲାର ବିଭିନ୍ନ ସମସ୍ୟା ସମାଧାନ କରିବାରେ ଅପାରଗତା ଲୁଚାଇବାକୁ ଏପରି ଆନ୍ଦୋଳନ ଡାକରା ଦିଆଯାଇଥିବା ଜିଲା ଭାଜପା ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରାଯାଇଛି। ଅନୁଗୋଳ ଜିଲାବାସୀଙ୍କ ପାଇଁ ରାଜ୍ୟ ସରକାର କ'ଣ କରିଛନ୍ତି ବୋଲି ଜିଲା ଭାଜପା ସଭାପତି ଡିଲେଶ୍ୱର ପ୍ରଧାନ ପ୍ରଶ୍ନ କରିଥିବା ବେଳେ ଏମ୍‌ସିଏଲ୍ ଆର୍‌ପିଡିଏସିରେ ସଦସ୍ୟ ଥାଇ ମଧ୍ୟ ଏମ୍‌ପି ଓ ତାଳଚେର ବିଧାୟକ କାହିଁକି କ୍ଷତିଗ୍ରସ୍ତଙ୍କ ସମସ୍ୟା ସମାଧାନ କରିପାରୁ ନାହାନ୍ତି ବୋଲି ଏନ୍‌ଏସ୍‌ଆଇସି ଡାଇରେକ୍ଟର କାଳନ୍ଦୀ ସାମଲ ପ୍ରଶ୍ନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମହାନ୍ତି , ଅଗସ୍ତି ବେହେରା ଓ ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ ଉପସ୍ଥିତ ଥିଲେ।

# କ୍ରୀଡ଼ାର ଗୁରୁତ୍ୱ ବୁଝାଇଲେ ଅତିଥି

ତାଳଚେର,୩୧।୮ (ମନୋଜ ନନ୍ଦ)

ତାଳଚେରସ୍ଥିତ ମହାନଦୀ କୋଲ୍ ଫିଲ୍ଡସ୍ ଜଗନ୍ନାଥ କ୍ଷେତ୍ର ଅନ୍ତର୍ଗତ ଡିଏଭି ପବ୍ଲିକ ସ୍କୁଲ ଅନନ୍ତ ବିହାର ପରିସରରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରର ବରିଷ୍ଠ କ୍ରୀଡ଼ା ସଂଯୋଜକ ଆଇ.ଜି. ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବର ଉଦ୍‌ଘାଟନ କରିଥିଲେ। ସୁସ୍ଥ, ନୀରୋଗ ଜୀବନଯାପନ ପାଇଁ କ୍ରୀଡ଼ାର ଗୁରୁତ୍ୱ ସମ୍ପର୍କରେ ମୁଖ୍ୟ ଅତିଥି ମତ ରଖିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ଜ୍ୟୋତି ମିଶ୍ର ଛାତ୍ରୀଛାତ୍ରଙ୍କୁ କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢ଼ିବାର ଅନେକ ସୁଯୋଗ ରହିଥିବା ସମ୍ପର୍କରେ ଅବଗତ କରାଇଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ମଧୁମିତା ଛୁଆଳସିଂହ ଜାତୀୟ କ୍ରୀଡ଼ା ଦିବସ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷୟିତ୍ରୀ ପ୍ରତ୍ୟୁଷା ଅମାନ୍ତ ଏବଂ ଛାତ୍ରୀ ଶ୍ରେୟା ଶାଳିନୀ ମଞ୍ଚ ସଞ୍ଚାଳନ କରିଥିବା ବେଳେ ଶିକ୍ଷକ ସୀମାଞ୍ଚଳ ପତି ସହଯୋଗ କରିଥିଲେ। ବରିଷ୍ଠ ଅଧ୍ୟାପକ ଅଞ୍ଜନ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ। ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ।




## ବାର୍ଷିକ ଯାତ୍ରା ପାଇଁ ଚଳଚଞ୍ଚଳ ରାମଚଣ୍ଡୀ ପୀଠ

ଛେଣ୍ଡିପଦା,୩୧।୮ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ କୋଶଳା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ରାମଚଣ୍ଡୀଙ୍କ ବାର୍ଷିକ ଯାତ୍ରା ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିପାଇଁ ମା'ଙ୍କ ପୀଠ ପରିସର ଚଳଚଞ୍ଚଳ ହୋଇପଡିଛି। ପ୍ରକାଶ ଯେ, ପ୍ରତ୍ୟେକ ବର୍ଷ ଭାଦ୍ରବ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ମା'ଙ୍କ ଏହି ବାର୍ଷିକ ପୂଜା ଅନୁଷ୍ଠିତ ହୋଇଥାଏ। ଏଥିପାଇଁ କୋଶଳା ଗ୍ରାମବାସୀଙ୍କ ସମେତ ମା' ରାମଚଣ୍ଡୀ ଠାକୁରାଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟ, ଗ୍ରାମର ଦଳପତି ବୃନ୍ଦ, ସେବାସଂଘ ସଦସ୍ୟଙ୍କ ସମେତ ସ୍ୱେଚ୍ଛାସେବୀମାନେ ପ୍ରସ୍ତୁତି ପର୍ବରେ ଲାଗିପଡିଛନ୍ତି। ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ସୁରକ୍ଷା , ଉଠା ଦୋକାନ ଆବଣ୍ଟନ, ପାନୀୟ ଜଳ, ଆଶୁ ଚିକିତ୍ସା କେନ୍ଦ୍ର, ସୂଚନା କେନ୍ଦ୍ର, ଅନ୍ନଭୋଗ ବଣ୍ଟନ ସ୍ଥଳ ଆଦି ଉପରେ ସମସ୍ତ କାର୍ଯ୍ୟ ଶେଷ ହୋଇଛି। କୋଶଳା ପ୍ରାଥମିକ ଶିକ୍ଷକ ସମାଜ ପକ୍ଷରୁ ଥଣ୍ଡା ପାନୀୟ ଜଳ ଯୋଗାଣ କରିବାର ବ୍ୟବସ୍ଥା ରହିଛି। ବିଦ୍ୟୁତ ଯୋଗାଣ. ଶୃଙ୍ଖଳାକୁ ବିଶେଷ ଭାବରେ ଦୃଷ୍ଟି ଦିଆଯାଇଛି।

# ରକ୍ତଦାନ ଶିବିର ପ୍ରସ୍ତୁତି

ବଇଣ୍ଡା,୩୧।୮ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବାମୁରଠାରେ ରବିବାର ବିଜେଡି ପକ୍ଷରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏ ନେଇ ମଙ୍ଗଳବାର ବାମୁରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସଞ୍ଜୀବ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବାସୁଦେବ ବେହେରା, ନଳିନୀ ରଞ୍ଜନ ପ୍ରଧାନ, ଜୟକୃଷ୍ଣ ପ୍ରଧାନ, ଦିଲୀପ ପ୍ରଧାନ, ବୁଦ୍ଧଦେବ ପ୍ରଧାନ, ସରୋଜ ପ୍ରଧାନ, ମନୋରଞ୍ଜନ ପ୍ରଧାନ, ବଳରାମ ପ୍ରଧାନ, ରୁଦ୍ରନାରାୟଣ ପ୍ରଧାନ, ପ୍ରିୟରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୧୧ ନମ୍ବର ଜୋନ୍‌ରେ କିଭଳି ସର୍ବାଧିକ ରକ୍ତ ସଂଗ୍ରହ କରାଯିବ ସେ ନେଇ ଆଲୋଚନା କରାଯାଇଥିଲା।



ବୈଠକରେ ଉପସ୍ଥିତ ସରପଞ୍ଚ ଓ ଅନ୍ୟମାନେ।

# କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ



ଖେଳରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

ଛେଣ୍ଡିପଦା,୩୧।୮ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ବଡ଼ ମହିତଳାସ୍ଥିତ ଡିଏଭି ସାବିତ୍ରୀ ଜିନ୍ଦଲ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ କ୍ରୀଡ଼ା ଦିବସ ପ୍ରଧାନଶିକ୍ଷକ ଫକୀର ମୋହନ ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଛାତ୍ର ଜୀବନରେ କ୍ରୀଡ଼ାର ଆବଶ୍ୟକତା ଉପରେ ପ୍ରଧାନ ଶିକ୍ଷକ ଆଲୋକପାତ କରିବା ସହିତ ହକି କିମ୍ବଦନ୍ତୀ ଧ୍ୟାନଚାନ୍ଦଙ୍କ ଜୀବନ ଦର୍ଶନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ମାର୍ଗଦର୍ଶନ କରିଥିଲେ। କ୍ରୀଡ଼ା ଶିକ୍ଷକ କୃଷ୍ଣ କୁମାର ଦାସ ଜାତୀୟ କ୍ରୀଡ଼ା ଦିବସ ପାଳନର ଆବଶ୍ୟକତା ସମ୍ପର୍କରେ କହିଥିଲେ। ଜେଏସ୍‌ପି ସିଏସ୍‌ଆର୍ ଅନୁଗୋଳର ଆସିଷ୍ଟାଣ୍ଟ ମାନେଜେର ତାପସ ରଞ୍ଜନ ମହାନ୍ତି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଏକ ଖୋ–ଖୋ ପ୍ରତିଯୋଗିତା ବ୍ଲୁ ସ୍କ୍ୱାଡ୍ ଓ ୟେଲୋ ସ୍କ୍ୱାଡ୍ ମଧ୍ୟରେ ଅୟୋଜନ କରାଯାଇଥିଲା। କ୍ରୀଡ଼ା ଶିକ୍ଷକ କୃଷ୍ଣ କୁମାର ଦାସ ଖେଳ ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ଦେବବ୍ରତ ପଣ୍ଡା, ପ୍ରଦ୍ୟୁମ୍ନ କୁମାର ଜେନା, ଚିତ୍ତରଞ୍ଜନ ଦାସ, ଚିତ୍ତରଞ୍ଜନ ଓଝା, ଜ୍ୟୋତି ରଞ୍ଜନ ବଳ, ଦୁର୍ଯ୍ୟୋଧନ ମହାପାତ୍ର ଶିକ୍ଷୟିତ୍ରୀ ଦୀପ୍ତି ରେଖା ଦାସ, ମଧୁମିତା ସାହୁ, ସ୍ମିତାରାଣୀ ଖୀଲାରୀ, ଜୁଲି ପାଣି, ମିନତୀ ମିଶ୍ର ସହଯୋଗ କରିଥିଲେ। ସରୋଜ ଭୂତିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକୃତି ଚିତ୍ରଣରେ ଗଙ୍ଗାଧର ଅଦ୍ୱିତୀୟ

ବଇଣ୍ଡା,୩୧।୮ (ପରିକ୍ଷିତ ସାହୁ)

କିଶୋର ସାହିତ୍ୟ ସଂସଦ ଆନୁକୂଲ୍ୟରେ କିଶୋରନଗର ସ୍ନାତକ ମହାବିଦ୍ୟାଳୟଠାରେ ବୁଧବାର କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂସଦ ସଭାପତି ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ସଞ୍ଜୟ ପଣ୍ଡା ଯୋଗଦେଇ ପ୍ରକୃତି ଚିତ୍ରଣରେ ଗଙ୍ଗାଧର ଅଦ୍ୱିତୀୟ ସ୍ରଷ୍ଟା ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପର୍ଶୁରାମ ଛନ୍ଦ, ଦେବରାଜ ନାୟକ, କିଶୋରନଗର ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ ଯୋଗଦେଇଥିଲେ। ଏହି ଅବସରରେ ଚିନ୍ମୟୀ ମହାପାତ୍ରଙ୍କ ପ୍ରବନ୍ଧ ସଂକଳନ 'ଆତ୍ମସନ୍ତୋଷ' ଓ ଉତ୍କଳୀୟ ସାଂସ୍କୃତିକ ପରିଷଦର ପୁସ୍ତକ 'ଶବ୍ଦ ସୁରଭି' ଉନ୍ମୋଚିତ ହୋଇଥିଲା। ସୁଦାମ ଚରଣ ପ୍ରଧାନ ଭଜନ ପରିବେଷଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କାର ଦିଆଯାଇଥିଲା। ଅଧ୍ୟାପକ କୁଳମଣି ମେହେର ସଭା ସଂଯୋଜନା କରିଥିଲେ। ସଂସଦ ସମ୍ପାଦକ ଜୟକୃଷ୍ଣ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ପୁସ୍ତକ 'ଶବ୍ଦ ସୁରଭି' ଉନ୍ମୋଚନ କରୁଛନ୍ତି।

